ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଡିସେମ୍ବର ୦୨

# ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ



କବୀର କୁମାର ଜେନା

ମହାପ୍ରଭୁଙ୍କ ଲୀଳା ଅତୀବ ବିଚିତ୍ର । ଛାତିଏ ପଉଟି ଭୋଗ ଗ୍ରହଣ କରୁଥିବା ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟବସ୍ଥାରେ ଅତିବ ଗୁରୁତ୍ୱପୂର୍ଣ୍ଣ । ଅନେକ ହୁଏତ ଜାଣି ନଥାନ୍ତି ଏହି ବ୍ୟଞ୍ଜନ ଦ୍ୱାଦଶୀ ପରମ୍ପରା ମହାପ୍ରଭୁଙ୍କ ସତ୍ୱଲିପି ଓ ମାଦଳା ପାଞ୍ଜିରେ ମଧ୍ୟ ଉଲ୍ଲେଖ ରହିଛି । କୃଷି ଓ କୃଷକର ରାଜ୍ୟ ଓଡ଼ିଶାର ଖାଦ୍ୟ ପରମ୍ପରା ଅଦ୍ୱିତୀୟ । ଖାଦ୍ୟ ପ୍ରସ୍ତୁତି ସହ ଖାଇବା ଓ ଖୁଆଇବାରେ ଓଡ଼ିଆଙ୍କର ବଡ଼ ଆଗ୍ରହ । ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ଛାତିଏ ପଉଟିରୁ ସାମାନ୍ୟ ଊଣା ହୋଇପାରେନି । ମହାପ୍ରଭୁଙ୍କ ପ୍ରତି ମା'ଯଶୋଦାଙ୍କ ବାତ୍ସଲ୍ୟ ମମତାର ଅନନ୍ୟ ନିଦର୍ଶନ ଭାବେ ପାଳିତ ହୁଏ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ । ଯେଉଁଥିରେ ଶତାଧିକ ବ୍ୟଞ୍ଜନ ଲାଗି କରାଯାଏ । ମଣିଷଜୀବନକୁ ଆନନ୍ଦମୟ ଏବଂ ଉତ୍ସବମୁଖର କରିବାରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାରା ଭାରତ ବର୍ଷରେ ଖାଦ୍ୟ ଉପରେ ହୋଇଥିବା ଗବେଷଣାର ପ୍ରମୁଖ ଭାଗରେ ସାମିଲ ହୋଇଛି ଓଡ଼ିଶାର ଖାଦ୍ୟ । କାଞ୍ଜିଠାରୁ କ୍ଷୀର ସାଗର ଯାଏ, ମୋହନ ଭୋଗରୁ ମିଠା କାନିକା ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀକୁ ନେଇ ରନ୍ଧନଶାଳାରେ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି କୁଶଳୀ ଓଡ଼ିଆଣୀ । ଓଡ଼ିଶା ସଂସ୍କୃତିର ମହାର୍ଘ ଅଙ୍ଗ ଜଗନ୍ନାଥ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ସହ ମଧ୍ୟ ଖାଦ୍ୟ ପରମ୍ପରା ଓତଃପ୍ରୋତଃ ଭାବେ ଜଡ଼ିତ । ଏହା ମଧ୍ୟରୁ ଅନ୍ୟତମ ବ୍ୟଞ୍ଜନ ଦ୍ୱାଦଶୀରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୋଇଥାଏ ଶତାଧିକ ସୁସ୍ୱାଦୁ ବ୍ୟଞ୍ଜନ । ଗନ୍ନାଥିଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ... / ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ର ଆସିଲି ଧାଇଁ / ମତେ କାଳିଆ କଲାରେ ବାଇ.... । ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠନିଃସୃତ ଏଇ କେଇ ପଦ ଭଜନ କୋଟି ଜନମାନସରେ ମହାପ୍ରସାଦ ପ୍ରତି ରହିଥିବା ଭକ୍ତିପୂର୍ଣ୍ଣ ଉତ୍କଣ୍ଠାକୁ ଯୁଗ ଯୁଗ ଧରି ବହୁ ଗୁଣିତ କରିଆସିଛି ।

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନୀଳାଚଳ ହିଁ ପରଂବ୍ରହ୍ମ ପରମାତ୍ମାଙ୍କ ନିତ୍ୟ ନିବାସସ୍ଥଳୀ, ଯାହାଙ୍କୁ ସମର୍ପିତ ହେଉଥିବା ନୈବେଦ୍ୟ ସାଧାରଣ ନୁହେଁ, ସାକ୍ଷାତ ବ୍ରହ୍ମସ୍ୱରୂପ । ଏହାର କଣିକାଏ ପ୍ରାପ୍ତିରେ ଜୀବ ମୁକ୍ତି ଲାଭ କରିଥାଏ । ଭାରତ ବର୍ଷର ଅନ୍ୟତମ ବୃହତ ଭୋଜନାଳୟ ଶ୍ରୀମନ୍ଦିରର ଆନନ୍ଦ ବଜାର । ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଇପସିତ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ପ୍ରାପ୍ତ କରିବା ବଡ଼ ସୌଭାଗ୍ୟର କଥା । ଏହି ମହାପ୍ରସାଦ ରନ୍ଧନ ପ୍ରକ୍ରିୟା କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଅଦ୍ୱିତୀୟ । ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଛାତିଏ ପଉଟିର ଛପନ ଭୋଗ ମଣୋହି କରିଥାନ୍ତି । ଭାରତବର୍ଷରେ ରହିଥିବା ପ୍ରସିଦ୍ଧ ଚାରିଧାମ ମଧ୍ୟରେ ଏହି ପୁରୀ ଧାମ ହିଁ ଭୋଗ କ୍ଷେତ୍ର । ଦ୍ୱାରିକାରେ ଅଙ୍ଗ ବେଶ ହୋଇଥାନ୍ତି । ଶ୍ରୀକ୍ଷେତ୍ରରେ ଭୋଜନ କରିଥାନ୍ତି ଏବଂ ଦ୍ୱାରିକାରେ ଶୟନ କରିଥାନ୍ତି ବୋଲି ଶାସ୍ତ୍ରକାରମାନେ କହନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ନିତ୍ୟ ନିବାସ କରନ୍ତି । ଏହି ଠାରେ ହିଁ ପ୍ରଭୁ ଭୋଜନ କରିଥାନ୍ତି । ସ୍ୱୟଂ ମହାଲକ୍ଷ୍ମୀ ଏହି ଅନ୍ନକୁ ରୋଷେଇ କରନ୍ତି । ତେଣୁ ମହାପ୍ରଭୁଙ୍କ ମହାପ୍ରସାଦ ପାଇବା ମଣିଷ ଜୀବନର ସବୁଠାରୁ ବଡ଼ ଆକାଂକ୍ଷା । ଭାରତର ଧର୍ମୀୟ ଇତିହାସରେ ଅନ୍ୟ କୌଣସି ଦେବାଦେବୀଙ୍କ ପ୍ରସାଦକୁ ମହାପ୍ରସାଦ ବୋଲି କୁହାଯାଇ ନାହିଁ । ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ କାଣିକାଏ ପାଇଲେ ମଣିଷ ଜୀବନ ଧନ୍ୟ ହୋଇଯାଏ । ବ୍ୟଞ୍ଜନ ଦ୍ୱାଦଶୀର ପ୍ରସାଦ କଣିକା ପାଇବା ପାଇଁ ଶ୍ରୀମନ୍ଦିରରେ ଅନେକ ଭକ୍ତଙ୍କ ସମାଗମ ହୋଇଥାଏ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

# 'ବିଶ୍ୱରେ ବୃଦ୍ଧି ପାଉଛି କ୍ରୀତଦାସ ପ୍ରଥା !'



ଅଲେଖ ଚନ୍ଦ୍ର ସାମଲ

ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖକୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ । ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା । ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି । କ୍ରୀତଦାସ ପ୍ରଥା ସମ୍ପୂର୍ଣ୍ଣ ଲୋପ କରିବାକୁ ଅନେକ ଆଇନ କାନୁନ୍ ବ୍ୟବସ୍ଥା କରାଯାଇଥିଲେ ବି ଏବେ ବି ସାରା ବିଶ୍ୱରେ ୩କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି । ଭାରତରେ ଏବେବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି । ଦାଦନ ଓ ଗୋତି ଶ୍ରମିକପରି ଘୃଣ୍ୟ ପ୍ରଥା ମାଧ୍ୟମରେ ଭାରତରେ କ୍ରୀତଦାସ ପ୍ରଥା ଜୀବିତ ରହିଛି । କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା 'ୱାକ୍ ଫ୍ରି ଫାଉଣ୍ଡେସନ' ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତାର ତାଲିକା ପ୍ରଦାନ କରିଛି । ଏଥିରେ ୧୬୨ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି । ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚୀନ (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ଋଷିଆ (୫ଲକ୍ଷ ୧୬ ହଜାର), ଥାଇଲ୍ୟାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମିଆଁମାର (୩ଲକ୍ଷ ୮୪ ହଜାର) ଓ ବାଙ୍ଗାଲାଦେଶରେ ୩ଲକ୍ଷ ୪୩ ହଜାର । ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା । କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି । ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ । ଆଉ କେତେକ ଅଂଚଳରେ ସେମାନଙ୍କ ପରମ୍ପରା ଏପରି ପ୍ରଥା ସୃଷ୍ଟି କରିଥାଏ । ଯେପରିକି ପଶ୍ଚିମ ଆଫ୍ରିକାର ମରିଟାନିଆର ଜନସଂଖ୍ୟା ମାତ୍ର ୩୮ ଲକ୍ଷ ହୋଇଥିବାବେଳେ ଏଥିରୁ ୧୬୦,୦୦୦ କେବଳ କ୍ରୀତଦାସ । ବାଲ୍ୟ ବିବାହ ଓ ଗୁଲାମଗିରି ଯୋଗୁଁ ଏଠାରେ ଏପରି ପ୍ରଥା ବଂଚି ରହିଛି । ଏବେବି ୪୪୦୦ ଲୋକ ବ୍ରିଟେନ୍‌ରେ କ୍ରୀତଦାସ ଭାବେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା, ଏସିଆ ଓ ପୂର୍ବ ୟୁରୋପର । ଏମାନଙ୍କୁ ଯୌନକର୍ମୀ, ଘରୋଇ କାର୍ଯ୍ୟ, କୃଷି, ନିର୍ମାଣ, ରେସ୍ତୋରାଁ ପରି ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିବା କାର୍ଯ୍ୟରେ ନିଯୋଜିତ କରାଯାଉଛି । ଏହି ରିପୋର୍ଟ ଧନୀ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଚେତାବନୀ ସଦୃଶ ହୋଇଛି । ସୂଚନା ପ୍ରଯୁକ୍ତିରେ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପୁଥିବା ଆମ ପରି ଗୁଣୀଜ୍ଞାନୀ ଓ କୋଟି କୋଟି ଧନୀ ଅମିର୍‌ଙ୍କ ଭିତରେ ଯେ, ନିଜ ଜୀବନକୁ ପଣ୍ୟ କରୁଥିବା କ୍ରୀତଦାସମାନେ ବି ଅଛନ୍ତି ତାହା ଭାବିଲେ ଯେତିକି ଦୁଃଖଦାୟକ ତତୋଧିକ ନିନ୍ଦନୀୟ ।

*ପୂର୍ବତନ ଡିଏଫ୍‌ଓ , ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର*

# ମଶାଣି



କେଶବ ଚନ୍ଦ୍ର ନାୟକ

ପ୍ରତ୍ୟେକ ଗାଁ ରେ ଗୋଟିଏ ମଶାଣି କେଉଁ ଆବହମାନ କାଳରୁ ରହିଛି । ମଣିଷ ଜନ୍ମ ହେଲା ପରେ ଦିନେ ନା ଦିନେ ମରିବ, ଏହା ଧ୍ରୁବ ସତ୍ୟ । ମଲା ପରେ ଏହି ଗାଁ ମଶାଣି ଦାହ ହୁଏ । ଏଠାରେ ଗାଁ ଟି ଯାକର ଭୂତ ପ୍ରେତ ରହନ୍ତି । ରାତି ହେଲେ କୁଆଡେ ବାହାରନ୍ତି । ଭୂତ, ପ୍ରେତ, ଡାହାଣୀ ଏସବୁ ଅଶରୀର ଆତ୍ମା ଲୋକ ଦେହରେ ପ୍ରବେଶ କରନ୍ତି । ଏଣୁ ଭୂତ ପ୍ରେତକୁ ସମସ୍ତଙ୍କର ଭୟ ।

ଆମ ଗାଁ ମଶାଣିରେ କେତେ ଲୋକ ମରି ପୋଡା ହେଲାଣି । ଯୋଉମାନଙ୍କୁ ଆମେ ଦିନେ ଅଜା ଆଈ, ଜେଜେ ବାପା ଜେଜେମା, ମାମୁ ମାଇଁ, କକା ଖୁଡି ଡାକୁ ଥିଲୁ, ସେମାନେ ବୁଢ଼ାବୁଢ଼ି ହୋଇ ମୃତ୍ୟୁ ବରଣ କଲେଣି । ଏହି ଗାଁ ମଶାଣିରେ ପୋଡି ପାଉଁଶ ହେଲେଣି । କିଏ କେତେ କୋକେଇରେ ବୁହା ହୋଇ ଶବ ଉପରେ ଧଳା ଲୁଗା ପକାଇ ଆର ପାରିକୁଦ ଗଲେଣି । ମୁଁ ପିଲା ବେଳେ ରାତିରେ ଶୋଇଲେ, ମୁତିବା ପାଇଁ ଉଠେ । ବୋଉ କୁ ଉଠାଇ ନିଦରୁ ମୂତିବି ବୋଲି କୁହେ । ବୋଉର ପଣତ କାନି ଧରି ବାହାରେ ମୂତେ । ବାହାରେ ଅନ୍ଧାର ।

ଭୂତ ଭୟ ବେଶୀ । ସାଧାରଣ ପିଲାମାନେ ଅଝଟ ହେଲେ, ମା'ମାନେ ଭୂତ ଭୂତ କହି ଡରାନ୍ତି । ଏଣୁ ଆମ ମନରେ ପିଲା ବେଳୁ ହିଁ ଭୂତ ଭୟ ମନରେ ବସା ବାନ୍ଧିଛି । ଏଣୁ ଭୂତ ପ୍ରେତ କଥା ଶୁଣିବା ପାଇଁ ସମସ୍ତଙ୍କର ଉତ୍ସାହ । ଆମ ଗାଁ ଟି ଗଛ ବୁଛରେ ଭର୍ତି । ଏଣୁ ରାତିରେ ଜହ୍ନ ଆଲୁଅ ମଧ୍ୟ ଠିକ ଭୂମିରେ ପଡେ ନାହିଁ । ସମସ୍ତଙ୍କ ବାଡ଼ିରେ କଦଳୀ ଗଛ ହେଉ କି ଆମ୍ବ ନଡିଆ ଗଛ ହେଉ, ଥିବ ହିଁ ଥିବ । ରାତିରେ

ମିଟିମିଟି ଅନ୍ଧାର । ଅନ୍ଧାର ହେଲେ ଗାଁ ମଶାଣିରୁ ଭୂତ ପ୍ରେତ ମାନେ ଗାଁ ମୁହାଁ ହୁଅନ୍ତି । ଆଉ ଘର ବାରି ପଟେ ରହିଥିବା ଗଛ ଆଢୁଆଳରେ ଲୁଚି ରହି ସବୁ ଦେଖନ୍ତି । କେହି କେହି ଘରର ମା'ମାନେ ଭଲ ରନ୍ଧା ହେଲେ ଅର୍ଥାତ୍ ମାଛ, ମାଂସ, ପିଠା ପଣା ହେଲେ ଭୂତ ପ୍ରେତ କୁ ଖାଇବାକୁ ଦେଇ ନିଜେ ଖାଆନ୍ତି । ନ ହେଲେ ଭୂତ ପ୍ରେତଙ୍କର ଆଶା ଭଲ ଖାଦ୍ୟରେ ଥାଏ । ଭୂତ ପ୍ରେତଙ୍କୁ ନ ଦେଇ ଖାଇଲେ କୁଆଡେ ଝାଡ଼ାବାନ୍ତି ହୋଇଥାଏ । ଦେହ ଅସୁସ୍ଥ ହୁଏ ବୋଲି ଏବେ ବି ଗାଁ ଗହଳରେ ବିଶ୍ୱାସ ରହିଛି । ରାତିରେ ମା'ମାନେ ଛୋଟ ପିଲାଙ୍କୁ କୁଆଡେ ନେଇ ଗଲେ, ଏକ ଲୁହା କଂଟାକୁ କାନରେ ଖୋଷି ନିଅନ୍ତି । ଏବଂ ଘରେ ପଶିଲେ ଛାଂଣୀରେ ନିଜକୁ ନିଜେ ଝାଡି ହୁଅନ୍ତି, କାଳେ ଶରୀର ମଧ୍ୟରେ ଭୂତ ପ୍ରେତ ଡାହାଣୀ, ପିଚ୍ଛାଶୁଣୀ ପ୍ରବେଶ କରିବ ନାହିଁ । ଲୁହା ଛଡି ଧରିଥିଲେ ଭୂତ କୁଆଡେ ଦେହରେ ପଶିବ ନାହିଁ ବୋଲି ସମସ୍ତଙ୍କ ଦୃଢ ବିଶ୍ୱାସ ରହିଛି ।

ମୁଁ ଶୁଣିଛି ଆମ ଗାଁ ମଶାଣିରେ ବଡ଼ ବଡ଼ ଭୂତ ରହିଛି । କିଏ କିଏ କହନ୍ତି - ବ୍ରହ୍ମ ରାକ୍ଷସ ! ଆଉ କିଏ କହେ -ବାର ଡାଙ୍ଗୁଆ ଭୂତ । ବ୍ରହ୍ମ ରାକ୍ଷସ ଭୂତ କୁଆଡେ ସବୁ ଭୂତ ଠାରୁ ଉଚ୍ଚତାରେ ବିଶାଳକାୟ । ତା ହାବୁଡରେ ଯିଏ ପଡିବ, ସେ ଶେଷ । ବଡ ଗୁଣିଆ ହେଲେ ବଂଚି ପାରିବ, ନ ହେଲେ ମରିବା ଶିର ଧାର୍ଯ୍ୟ । ଆଉ ରହିଲା, ବାରଡାଙ୍ଗୁଆ ଭୂତ । ଏ ସବୁ ଭୂତ କୁଆଡେ ବିଶ ପିଆ, ଦଉଡ଼ି ଦିଆ ଆତ୍ମହତ୍ୟା କରିଥିବା ଭୂତ । ଏମାନଙ୍କ ସ୍ଥାନ ମଶାଣିରେ ନୁହେଁ । ଏହି ଭୂତ ମାନେ ଗାଁ ରେ ଥିବା ବାଟ ହାଟର ପୁରୁଣା ବିରାଟକାୟ ବୃକ୍ଷରେ ଆତ୍ମଗୋପନ କରି ରହନ୍ତି । ରାତିର ନିର୍ଜନ ସମୟରେ ବୃକ୍ଷ ଡାଳରେ ବସି

ବାଟୋଇମାନଙ୍କୁ ଡରାନ୍ତି । ଆଉ ଯାହା ଦେହରେ ଏହି ଭୂତ ପ୍ରବେଶ କରେ, ସେ ମରିବା ନିଶ୍ଚିତ ।

ଗାଁ ରେ ଥିବା ବଟ ବୃକ୍ଷ ସନ୍ଧିରେ କେହି କେହି ଅସ୍ଥି ରଖନ୍ତି । ମଶାଣିରୁ ଆତ୍ମୀୟ ସ୍ୱଜନ ମଲେ ଅସ୍ଥି ଶୀତଳା ହୁଏ । ଏବଂ କଳସରେ ଅସ୍ଥି ରଖା ଯାଏ । ଏହି ଅସ୍ଥିକୁ ମଧ୍ୟ ପୂଜକରାଯାଏ । ଏହା କେବଳ ଅସ୍ଥି ରଖିଥିବା ବ୍ୟକ୍ତି ହିଁ ଜାଣିଥାଏ । ପରେ ଅସ୍ଥି କଳସ କୁ ଗଙ୍ଗା ବା ମହୋଦଧିରେ ବିସର୍ଜନ କରାଯାଏ । ତେବେ ମଲା ଲୋକର ଅସ୍ଥିକୁ ଜଗି ରହେ ସହି ପ୍ରେତ ଆତ୍ମା । ସେହି ପାଖରେ ରାତି ଯିଏ ଯାଏ, ତାକୁ ଡରାଏ ।

ଆମ ଗାଁ ର ଏକ ଅନତିଦୂରରେ ଜଣେ ଯୁବକ ଆମ୍ବ ତୋଟାରେ

ଫାଶୀ ହୋଇ ମରିଗଲା । ଗୋଟେ ଝିଅକୁ ସେ ପ୍ରେମ କରୁଥିଲା ।

ବାପା ମା ଅନ୍ୟ ଠାରେ ବିବାହ କରିବାକୁ ନିର୍ବନ୍ଧ କଲେ । ବିବାହ କରିବାକୁ କିଛି ଦିନ ବାକି ଥିଲେ । ପୁଅ କହିଲା- ମୁଁ ଗୋଟେ ଝିଅକୁ ଭଲ ପାଉଛି, ତାକୁ ବାହା ହେବି । ଘରେ କିନ୍ତୁ କେହି ରାଜି ହେଲେ ନାହିଁ । ପୁଅଟି ସେହି ଝିଅକୁ ଧରି ରାତା ରାତି ଫେରାର ହୋଇଗଲା । ତାପରେ ପ୍ରେମିକ ପ୍ରେମିକା ରାତି ସାରା ଦୈହିକ ସଂପର୍କ ରଖି ପ୍ରେମକୁ ଉପଭୋଗ କଲେ । ପ୍ରେମିକାକୁ ଜଣକେ ଘରେ ଛାଡି ଆସି ସେ କହିଲା - ମୁଁ ଘରକୁ ଯାଇ କିଛି ଟଙ୍କା ଆଉ ପୋଷାକ ପତ୍ର ଆଣିଲେ ଭୁବନେଶ୍ୱର ଚାଲିଯିବା । ପ୍ରେମିକ କଥା ରେ ପ୍ରେମିକା ସତ ଆଣିଲା । କିନ୍ତୁ ସକାଳେ ଦେଖା ଗଲା: ପ୍ରେମିକ ଆମ୍ବ ଗଛ ଶାଖାରେ ବେକରେ ରସି ଲଗାଇ ଆତ୍ମ ହତ୍ୟା କରିଛି । ଲୋକମାନେ ସକଳେ ରୁଣ୍ଡ ହେଲେ । କିଏ କେତେ ଆଲୋଚନା

କଲେ, ଆହାଃ ପିଲାଟି ପାଠ ଶାଠ ପଢ଼ିବା ପିଲାଟା, କାହିଁକି ଏପରି କି ଖରାପ କାମ କଲା । କିଏ କହିଲା: ଗୋରା ତକ୍ ତକ୍ ଭେଣ୍ଡିଆ ପିଲା ଟା କାହିଁକି ଦଉଡି ଦେଲା । କିଏ କହିଲା: ଯେଉଁ ଝିଅକୁ ସେ ପ୍ରେମ କରୁଥିଲା, ସେ କାଳିଆ ପୋଡି, ଡେଙ୍ଗି ଛେଳି, ପନିକି ପଚ୍ଛା । ପୁଅ ତ ଦେଖିବାକୁ ରାଜା ପିଲା । ଆଉ ବାପା ମା ଏ କାଳି କୋତରୀକୁ ବାହା ହେବାକୁ ଭାଙ୍ଗିବେ କି ? ବାପା ମା ଭଲ ସୁନ୍ଦରିଆ କନିଆ ଦେଖି ଥିଲେ । ସେଠି ବାହା ହୋଇ ଥିଲେ, ଭଲ ହୁଅନ୍ତା । ପିଲାଟା ବୋକା ! କାଳି କୋତରୀ ପାଇଁ ବେକରେ ରସି ଲଗାଇ ଆତ୍ମ ହତ୍ୟା କଲା !

ସେ ଯୁବକ ସେହି ଗଛରେ ଭୂତ ହୋଇ ରହିଗଲା । ଆମ ଗାଁ ର ମାଇପିମାନେ ଜଙ୍ଗଲ କୁ କାଠ ଆଣିବାକୁ ଯାଆନ୍ତି । ମୁଣ୍ଡ ରେ କାଠ ଗୋଛାକୁ ଧରି ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଗଛକୁ କାଠ ଗୋଛା ଆଉଜେଇ ହାଲିଆ ମାରି ପୁଣି ଗାଁ କୁ ଫେରନ୍ତି ।

ଆମ ଗାଁ ର ଜଣେ ଅର୍ଦ୍ଧ ବୟସ୍କା ମହିଳା ବଣରୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲା । ସେହି ବାଟ ଦେଇ ଆସିବା ସମୟରେ, ଯେଉଁ ବୃକ୍ଷ ଡାଳରେ ଟୋକାଟା ଆତ୍ମା ହତ୍ୟା କରିଥିଲା, ସେହି ଗଛ ଦେହରେ କାଠ ଗୋଛାଟି ଆଉଜେଇଲା ।

ସେହି ବୃକ୍ଷରେ ପ୍ରେତାତ୍ମା ଲୁଚି ଥିଲା । ବୁଢି ଦେହରେ ପ୍ରବେଶ କଲା । ବୁଢି ଘରେ ପହଂଚିଲା ପରେ ବାଉଳା ଚାଉଳା ହେଲା । ସେ ଟୋକାର କଣ୍ଠ ସ୍ୱର ରେ ବକ୍ ବକ୍ ହେଲା । ଖାଇବାକୁ ମାଗିଲା । ସିଗାରେଟ୍, ପାନ ଖାଇଲା । ବୁଢି ଦେହରେ ବସାବାନ୍ଧି ତିନି ଦିନ ରହିଲା । ଗୁଣିଆ ମନ୍ତ୍ର ତନ୍ତ୍ର କରି ଭୂତ କୁ କାଢିଲା । ମନ୍ତୁରା ପାଣି ପିଆଇ ଡେଉଁରିଆ ବାନ୍ଧିଲା । ଦେହରୁ ପ୍ରେତାତ୍ମା ବଡ କଷ୍ଟରେ ଛାଡିଲା । ସେ ଗଛ ମୂଳରେ କେଉଁ ପଥଚାରୀ ସେହି ଦିନ ଠାରୁ ବିଶ୍ରାମ ନେବାର ଆଉ ଶୁଣା ଗଲା ନାହିଁ । ଏ କଥା ସବୁଆଡେ ପ୍ରଚାର ହୋଇଗଲା । ରାତି ମଧ୍ୟ ସେହି ରାସ୍ତା ଦେଇ ଜଣେ ଲୋକ ଆସୁଥିଲା, ବାଟ ଓଗାଳିଲା ସେହି ଯୁବ ପ୍ରେତାତ୍ମା । ସେ ବି ଏହି କଥାକୁ ଯାହାକୁ ଦେଖିଲା, ଗପିଲା, ଲୋକମାନେ ରାତି ହେଲେ ଆଉ ସେହି ବାଟେ ଆସିବା ଭୟ କଲେ ।

ଆମ ଗାଁ ରେ ଜଣେ ମହିଳାଙ୍କ ଦେହ ଭିଷଣ ଖରାପ ହେଲା । ଡାକ୍ତରଖାନାକୁ ନେଇ ଯେତେ ଓଷମସ୍ତି କଲେ ମଧ୍ୟ ରୋଗ ଛାଡ଼ିଲା ନାହିଁ । ପାଗେଳୀ ହୋଇ ଡିଆଁ ଉକୁଚା କଲା । ପାଟିରୁ ଯାହା ବାହାରିଲା, ତାହା କହିଲା । ଲୋକମାନେ କହିଲେ -ଏ ତାନ୍ତ୍ରିକ ବିଦ୍ୟା, କିଏ ଗୁଣି କରିଛି । ଗାଁ ଲୋକମାନଙ୍କୁ ଯାହା ବି

ରୋଗ ହେଉ ପ୍ରଥମେ ଭୂତ ପ୍ରେତ ପରେ ଗୁଣିଗାରେଡି କୁ ବିଶ୍ୱାସ କରି ଥାନ୍ତି । ଏହି ମହିଳା ଭଲ କରିବା ପାଇଁ ବଡ଼ ଗୁଣିଆ କୁ ଡକାଗଲା । ଫୁଲବାଣୀ ଅଂଚଳର କନ୍ଧ ଗୁଣିଆ । ସେ କୁଆଡେ ଡାକବଜା । ଗଛ ଚଳା କହିଲେ ପତର ଚଳାଇବ ।

ଆମ ଗାଁ କୁ ଗୁଣିଆ ଆସିଲା । ଶନିବାର ରାତି ଅଧରେ ଗୁଣିଆ ମଶାଣିରେ ସାଧନ କରିବାକୁ ଗଲା । ସାଥିରେ କୁକଡା ଗଞ୍ଜା, ମଦ, ଚକୁଳି, ଗଜା ମୁଆ, ଧୂପ, ଦୀପ, ଝୁଣା, ସିନ୍ଦୂର, ହରଦୀ, ଫୁଲ ଇତ୍ୟାଦି ଇତ୍ୟାଦି । ଆମ ଗାଁ ଜଣେ ଭୂତ କୁ ଭୟ କରୁ ନଥିବା ଲୋକ କନ୍ଧ ଗୁଣିଆ ସହିତ ଗଲା । ମଶାଣି ରେ ଗୁଣିଆ କୋଠି କାଟିଲା । ମନ୍ତ୍ର ତନ୍ତ୍ର କଲା ଭୂତ ପ୍ରେତ ପିଶାଚ୍‌କୁ ଆହ୍ୱାନ କଲା । ଭୂତ ମାନେ ଆସିଲେ - ବିକଟାଳ ରୂପ ହୋଇ, ଚେଁ ଚାଁ ରଡି ଛାଡି । ଗୁଣିଆ କୁକୁଡା ବଳି ଦେଲା, ମଦ ଢାଳିଲା, ଚକୁଳି ପିଠା ଦେଲା, ଗଜା ମୁଆଁ ଦେଲା, ଶେଷରେ ନିଜ ଜଙ୍ଘକୁ ଚିରି ରକ୍ତ ଦେଲା । ଭୂତ ପ୍ରେତ ଶାନ୍ତ ହେଲେ । ସାଧନା ସଫଳ ହେଲା । ଦୁହେଁ ଏକ ବଳୟ ଭିତରେ ଥିଲେ ଉଲଗ୍ନ ବେଶରେ । ବଳୟ ବାହାରେ ରହି ଭୂତ ପ୍ରେତ କୁ ଆହ୍ୱାନ କଲେ, ପ୍ରାଣ ଘାତକ ହୋଇ ପାରେ । ପୂଜା ବିଧି ସରିଲା । ଦୁହେଁ ଗାଁ କୁ ଫେରିଲେ । ପର ଦିନ ସେ ମହିଳାଙ୍କୁ ଗୁଣିଆ ଦେଖିଲା ।

କିଛି ଦିନ ପରେ ମଶାଣିକୁ ଯାଇଥିବା ସେ ଲୋକଙ୍କୁ ପଚାରିଲି, ଭୂତ ଦେଖିଲ କି ? ସେ ଭୂତ ପ୍ରେତ ସଂପର୍କରେ ଗୁଡାଏ ବର୍ଣ୍ଣନା କଲା ।

ମଶାଣିରେ ଶବ ପୋଡା ଯାଏ । ଏହାକୁ ସ୍ୱର୍ଗଦ୍ୱାର ବୋଲି କୁହାଯାଇଥାଏ । ମଶାଣିକୁ ନାରୀମାନଙ୍କୁ ଯିବା ପାଇଁ ବାରଣ କରାଯାଇଛି । ଶବକୁ ଧରି ଆତ୍ମୀୟ ସ୍ୱଜନମାନେ ଧରି ଯାଇଥାନ୍ତି । ମୁଖାଗ୍ନି ପୁଅ ଦେଇଥାଏ । ବ୍ରାହ୍ମଣ ପ୍ରଥମେ ପୂଜା ବିଧି କଲା ପରେ ଜୁଇରେ ଶବ ରଖା ଯାଇଥାଏ । ମୁଖାଗ୍ନି ଦେଲା

ପରେ ମାଲ ଭାଇମାନେ ଛୋଟ ଛୋଟ କାଠ ଟୁକୁଡା ପକାଇ

ଶ୍ମଶାନରୁ ଚାଲି ଆସନ୍ତି । ଶେଷ ପର୍ଯ୍ୟାୟରେ ବାଉଁଶ ଗେଞ୍ଜାଣାରେ ଗେଞ୍ଜି ଗେଞ୍ଜି ଚଣ୍ଡାଳ ଶବକୁ ଦାହ କରିଥାଏ । ବ ମାନ ଚଣ୍ଡାଳ ମାନେ ଆଉ ଶ୍ମଶାନରେ ଶବ ପୋଡୁ ନାହାଁନ୍ତି । ସେ ପରମ୍ପରା କ୍ରମଶଃ ବିଲୁପ୍ତ ହେଲାଣି । ଯଦି ଦାନବୀର ହରିଶ୍ଚନ୍ଦ୍ର କଥା କହିବା । ନିଜେ ହରିଶ୍ଚନ୍ଦ୍ର ଚଣ୍ଡାଳକୁ ବିକ୍ରୀ ହୋଇ ଶ୍ମଶାନରେ ଶବ ଦାହ କରୁଥିଲେ । ଏଣୁ ହରିଶ୍ଚନ୍ଦ୍ରଙ୍କ ନାମରେ ଓଡ଼ିଶା ସରକାର ହରିଶ୍ଚନ୍ଦ୍ର ଯୋଜନାରେ ଶବ ଦାହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରି ଆସୁଛନ୍ତି । କାଶି ଆଉ ପୁରୀ ସ୍ୱର୍ଗ ଦ୍ୱାରରେ ଚଣ୍ଡାଳ ନିଯୁକ୍ତ କରାଯାଇ ଶବ ଦାହର ପରମ୍ପରା ରହିଛି । ମଶାଣି ଏକ ପବିତ୍ର ସ୍ଥାନ । ଏଠାରେ ଦେବ ଦେବ ମହାଦେବ ନିବାସ କରନ୍ତି । ଶବ ଦାହ କରିବା ସବୁ ଠାରୁ ପୂଣ୍ୟ କାର୍ଯ୍ୟ । କିଏ ଯଦି ୧୦୮ ଶବ ଜୀବନ କାଳ ମଧ୍ୟରେ ଦାହ କରେ ସେ ସମସ୍ତ ପାପରୁ ପରିତ୍ରାଣ ପାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଯେତେ କାର୍ଯ୍ୟ ରହିଛି, ଶବ ଦାହ ଠାରୁ ପୂଣ୍ୟ କାର୍ଯ୍ୟ ସଂସାରେ ବିକଳ୍ପ ନାହିଁ ।

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)*

*ମୋନ: ୯୪୩୭୭୭୯୪୪୭*

# 'ଇ-ଆବର୍ଜନାର ସଂକଟ'



ବିକ୍ରମ ମହାପାତ୍ର

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଂ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଂଚିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଂଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଂଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ଏହି ଇ-ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ । ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ ।

*'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ*

# ପ୍ରାୟୋଜିତ ପତ୍ରର ୨୭୨ ଲେଖକ କ'ଣ ସାରା ଦେଶର ପ୍ରତିନିଧି ?



ଗୋପାଳ ମହାପାତ୍ର

ଦେଶର ୨୭୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏବେ ହଠାତ୍ ଜଣାପଡିଲା ଯେ ରାହୁଲ ଗାନ୍ଧୀ ସାମ୍ବିଧାନୀକ ସଂସ୍ଥା ବିରୋଧରେ ବିଷୋଦ୍‌ଗାର କରୁଛନ୍ତି ଯାହା ଦେଶ ପାଇଁ ଶୁଭଙ୍କର ନୁହେଁ । ଏ କଥା ମନେପଡିବା ମାତ୍ରେ ଏହି ୨୭୨ ବିଶିଷ୍ଟ ବ୍ୟକ୍ତିମାନେ ରାହୁଲ ଗାନ୍ଧୀଙ୍କ ଉଦେଶ୍ୟରେ ମିଳିତ ଭାବେ ଏକ ପତ୍ର ଲେଖିଛନ୍ତି । ପତ୍ରରେ ଲେଖାଯାଇଛି ଯେ ରାହୁଲ ରାଷ୍ଟ୍ରୀୟ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ତଥ୍ୟହୀନ ଅଭିଯୋଗ କରୁଛନ୍ତି ଓ ଦେଶରେ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି । ଏହି ପତ୍ରରେ ମହାମାନବ ମାନେ ଲେଖିଛନ୍ତି ଯେ ବିରୋଧିଦଳର କିଛି ନେତା ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି, ନ୍ୟାୟପାଳିକାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଛଂ, ସଂସଦର ସମ୍ବିଧାନ ସମ୍ମତ କାର୍ଯ୍ୟକୁ ବିରୋଧ କରୁଛନ୍ତି ଏପରିକି ସେନାର ବାହାଦୁରୀ ଏବଂ ଉପଲବ୍ଧିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି । ପତ୍ର ଲେଖିଥିବା ଏହି ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅଛନ୍ତି ୧୬ଜଣ ଅବସରପ୍ରାପ୍ତ ବିଚାରପତି, ୧୨୩ ଜଣ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଏବଂ ୧୨୩ ଜଣ ଅବସପ୍ରାପ୍ତ ସେନା କର୍ମଚାରୀ । ଏମାନେ ଦସ୍ତଖତ କରିଥିବା ଖୋଲାପତ୍ରରେ ଲେଖିଛନ୍ତି ଯେ ବିରୋଧି ଦଳ ନେତା ନିର୍ବାଚନରେ ତାଙ୍କଦଳ ବାରମ୍ବାର ହାରିବା ପରେ ଏଭଳି ନକାରାତ୍ମକ କାର୍ଯ୍ୟ କରୁଛନ୍ତି । ପତ୍ରରେ ଏହି ମହାମାନବ ମାନେ ନିର୍ବାଚନ କମିଶନଙ୍କୁ ସମର୍ଥନ କରିବା ପାଇଁ ମଧ୍ୟ ସମାଜ ଓ ସାଧାରଣ ନାଗରିକ ମାନଙ୍କୁ ନିବେଦନ କରିଛଂ । ପତ୍ରରେ ସେନା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଉପରେ ପ୍ରଗାଢ଼ ବିଶ୍ୱାସ କରାଯିବା ଉଚିତ ବୋଲି କୁହାଯିବା ସହ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ପ୍ରକାରାନ୍ତରେ ପ୍ରଶଂସା କରାଯାଇଛି । ଏହି ୨୭୨ ବ୍ୟକ୍ତି ବିଶେଷଙ୍କର ହଠାତ୍ ଏପରି ପତ୍ର ଲେଖିବା ଘଟଣାକୁ ନେଇ କେତେକ ଜାତୀୟସ୍ତରର ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ବିଭିନ୍ନ କଥା ପ୍ରକାଶ ପାଉଛି । ବିଗତ ଦିନରେ କୃଷକ ଆନ୍ଦୋଳନ ବେଳେ ଏମାନେ କେବେ ମୁହଁ ଖୋଲିନଥିଲେ କି ଘଟଣା ପାଇଁ ଏମାନଙ୍କ ହୃଦୟ ଆନ୍ଦୋଳିତ ହୋଇ ନଥିଲା । କରୋନା ମହାମାରୀ ବେଳର ଅବ୍ୟବସ୍ଥାରେ ହେଉ ବା ପହଲଗାଓଁ ମାମଲା ଏପରିକି ବିମୁଦ୍ରୀକରଣ ପରେ ବ୍ୟାଙ୍କ ଆଗରେ ଲମ୍ବା ଧାଡିରେ ଭୋକ ଉପସରେ ଠିଆହୋଇ ଯେଉଁ କେତେକ ଲୋକଙ୍କର ମୃତ୍ୟୁ ହୋଇଥିଲା ସେତେବେଳେ ଏମାନଙ୍କ ମୁହଁରେ ତୁଣ୍ଡି ବନ୍ଧାହୋଇଥିଲା ବୋଧହୁଏ ? ଏମାନେ ଏସବୁ କଥା ଦେଖିପାରିନଥିଲେ । ୨୦୨୩ ମସିହାରେ ୭୮ ସାଂସଦଙ୍କୁ ନିଲମ୍ବିତ କରାଯିବା ପରେ ଅନେକ ବିଧେୟକ ଗୃହୀତ କରାଯାଇଥିବା କଥା ଏମାନେ ଜାଣିଛଂ ନା ନାହିଁ ? ଏମିତି ଅନେକ କଥା ରହିଛି । ଦେଶରେ ବେରୋଜଗାର, ଦରଦାମ ବୃଦ୍ଧି ଭଳି ମଧ୍ୟ ଅନେକ ସମସ୍ୟା ରହିଛି ଯାହା ସବୁ ଏମାନଙ୍କ ନଜରକୁ ଆସୁନାହିଁ । ନିର୍ବାଚନୀ ବଣ୍ଡ ବାବଦରେ ଏହି ଖୋଲା ପତ୍ର ଲେଖିଥିବା ବିଦ୍ୱାନ ମାନେ ମୁହଁ ଖୋଲିନଥିଲେ । ଲେଖକ, ସାହିତ୍ୟିକ, ସାମ୍ବାଦିକ ଏବଂ ସାମାଜିକ କର୍ମକ ଙ୍କୁ ଜେଲରେ ପୁରାଯାଉଛି । ଏହି ୨୭୨ କ'ଣ ଏକଥା ଜାଣିନାହାଂ ନା ଜାଣିବାକୁ ଚେଷ୍ଟା କରିନାହାଁନ୍ତି ? ଅସହମତି ଜାହିର କରି କେତେ ଯେ ଜେଲରେ ସଡୁଛଂ ସେ କଥା ଜଣାନାହିଁ କିଂ ସବୁ ନିର୍ବାଚନ ବେଳେ ରାମ- ରହୀମ ଭଳି ଅପରାଧିଙ୍କୁ ପାରୋଲରେ ଜେଲରୁ ବାହାର କରାଯାଉଛି । ଆଶାରାମଙ୍କୁ ଜାମିନ ମିଳିଯାଉଛି । ହଜାର ହଜାର କୋଟିର ଠକେଇ (ଘୋଟାଲା) କରିଥିବା ଲୋକେ ମଜାରେ ବୁଲୁଛଂ । ଶିଳ୍ପପତିଙ୍କ ଲକ୍ଷଲକ୍ଷ କୋଟି ଟଙ୍କା ଛାଡ କରାଯାଉଛି । ଏବାବଦରେ କ'ଣ ଏହି ୨୭୨ ପତ୍ର ଲେଖକ ବିଦ୍ୱାନ ମାନେ ଅନଭିଜ୍ଞ କି ? ଏମାନେତ କେବେ ଏସବୁ ପ୍ରସଙ୍ଗରେ ପତ୍ର ଲେଖିନାହାଁନ୍ତି ? ବିନା ସ୍ୱାର୍ଥରେ ଲେଖିବେ ବା କାହିଁକି ? ଖୋଲାପତ୍ର ଲେଖିଥିବା ଏହି ୨୭୨ ଜଣଙ୍କର ଅତୀତ କ'ଣ, ସେମାନେ କେତେ ନିରପେକ୍ଷ ଥିଲେ ଓ କିଏ କ'ଣ କରିଛଂ ସେ ବାବଦରେ ଅଧିକ ଆଲୋଚନା ଅନାବଶ୍ୟକ ଅଟେ । ଏମାନଙ୍କ ଅତୀତ ବାବଦରେ ତର୍ଜମା କଲେ ଅନେକ କଥା ନଜରକୁ ଆସିଯିବ । ଏହି ୨୭୨ଙ୍କ ଜନ୍ମକୁଣ୍ଡଳୀ ଖୋଲିଲେ ଏମାନଙ୍କ ପ୍ରକୃତ ସ୍ୱରୂପ ଦେଖି ଭାରତମାତା ମଧ୍ୟ ଚମକି ଉଠିବେ । ରାହୁଲ ଗାନ୍ଧୀ ଏବଂ ବାକି କିଛି ନେତାଙ୍କ ଉସ୍‌କାର ଏହି ଖୋଲା ଚିଠି ବା ଖୋଲା ପତ୍ର ଲେଖି ଏମାନେ ଆନନ୍ଦିତ ବୋଧହୁଏ ? ଏଭଳି ପ୍ରାୟୋଜିତ କାର୍ଯ୍ୟ ଯିଏ ବି କରାଇଛି ସେ ଦେଶର କଲ୍ୟାଣ କରିଛି । ୨୭୨ଙ୍କ ପ୍ରକୃତ ପରିଚୟ ସ୍ପଷ୍ଟ ହୋଇଯାଇଛି । ଏମାନଙ୍କୁ କେହି ପଚାରିବା ଦରକାର ଯେ ୨୦୨୪ ଲୋକସଭା ନିର୍ବାଚନରେ ରାହୁଲଙ୍କ କଂଗ୍ରେସ ଦଳକୁ ମିଳିଥିବା ୧୩ କୋଟି ୬୭ଲକ୍ଷ ଭୋଟରଙ୍କ ସମର୍ଥନ ବାବଦରେ ଏମାନଙ୍କର ମତ କ'ଣ ? ଏବେ ଏହି ପ୍ରସଙ୍ଗରେ ଲେଖିବା ବେଳକୁ ଦେଶର ଜନସଂଖ୍ୟା ୧୪୬ କୋଟିରୁ ଅଧିକ ହୋଇଗଲାଣି । ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ୨୭୨ ମହାମନିଷୀ କ'ଣ ପ୍ରତ୍ୟେକେ ୫୩-୫୪ ଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରୁଛଂ କି ? ଯଦି କରୁଛଂ ତେବେ ଏ ଖୋଲାପତ୍ର କୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏହି ପତ୍ର ଲେଖିବା ପୁର୍ବରୁ ଏମାନେ ମଧ୍ୟ ଜାଣିବା କଥା ଯେ ଗଣତନ୍ତ୍ର ଏକପକ୍ଷୀୟ ବ୍ୟବସ୍ଥା ନୁହେଁ । ସାମ୍ବିଧାନୀକ ସଂସ୍ଥାର ଭୂମିକା ନିରପେକ୍ଷ ଏବଂ ଗଣତାନ୍ତ୍ରିକ ହେବା ଆବଶ୍ୟକ । ଏହି ସଂସ୍ଥାମାନଙ୍କ ଦୃଷ୍ଟିରେ ସମସ୍ତେ ସମାନ ହେବା ଆବଶ୍ୟକ । ବିଗତ କିଛି ବର୍ଷ ହେବ କାର୍ଯ୍ୟପାଳିକା ସମଦର୍ଶୀ ହୋଇ ରହିନାହିଁ । ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି କୁହାଯାଏ କିଂ ଏବେ ଜାତୀୟ ସ୍ତରର ଅନେକ ଗଣମାଧ୍ୟମ ଶାସ୍ତ୍ର ବିରୁଦ୍ଧ କର୍ମକାଣ୍ଡର ଦରଓ୍ୱାନ ପାଲଟିଯାଇଛଂ । ପତ୍ର ଲେଖିଥିବା ଏହି ପୂର୍ବତନ ମାନେ ଦେଶ ନୁହଁ । ଦେଶ ଏମାନଙ୍କୁ ନେଇ ଯେଉଁମାନେ କେବେ ବିଚାରପତି ହୋଇ ନାହାଁ, କେବେ ବରିଷ୍ଟ ଅଧିକାରୀ ହୋଇ ନାହାଁ କିମ୍ବା ସେନାର ଅଧିକାରୀ ଭାବେ କାର୍ଯ୍ୟକରି ଅବସର ନେଇନାହାଁ । ଦେଶର ଜନସାଧାରଣ ନ୍ୟାୟ ପ୍ରିୟ ଜନସାଧାରଣ କାର୍ଯ୍ୟପାଳିକାର ଅନୁଶାସନରେ ବନ୍ଧା ଏବଂ ଏମାନଙ୍କ ଭିତରେ ସେନାର ଶୌର୍ଯ୍ୟ ମଧ୍ୟ ରହିଛି । ଏଣୁ ବିରୋଧି ଦଳମାନଙ୍କୁ ସମାଲୋଚନା କରିଥିବା ଲୋକେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତିପକ୍ଷକୁ ସମ୍ମାନ ଦେଇ ଶିଖିବା ଆବଶ୍ୟକ । ଏହା ହେଲେ ହିଁ ଭାରତର ଅଭ୍ୟୁଦୟ ହୋଇପାରିବ ।

*ରାମଚନ୍ଦ୍ରପୁର, ରଣପୁର*

*ମୋ - ୯୪୩୮୪୮୫ ୯୪*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ଖେଳ ପର୍ଯ୍ୟବେକ୍ଷକ
Bhubaneswar Tuesday December 02 ଭୁବନେଶ୍ୱର ମଙ୍ଗଳବାର, ୦୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## କୋଣାର୍କ ଅର୍କ କ୍ଷେତ୍ରରେ ଆରମ୍ଭ ହୋଇଛି ୩୬ ତମ କୋଣାର୍କ ଉତ୍ସବ ଓ ୧୫ ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫




କୋଣାର୍କ,(ପି.ଏନ): ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଉଦ୍ଘାଟିତ ହୋଇଯାଇଛି ପାଂଚଦିନିଆ ୩୬ ତମ କୋଣାର୍କ ଉତ୍ସବ ୨୦୨୫ ଏବଂ ୧୫ ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫ । ଏହି ଉତ୍ସବକୁ ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଉଦ୍ ଘାଟନ କରିଛନ୍ତି ତାଙ୍କ ସହିତ ଡକ୍ଟର ପ୍ରିୟଙ୍କା ମାରାଣ୍ଡୀ, ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ଜଗତସିଂହପୁରର ମାନ୍ୟବର ସାଂସଦ ଡ. ବିଭୁ ପ୍ରସାଦ ତରାଇ, ମାନ୍ୟବର ବିଧାୟକ ପିପିଲି ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ, ମାନ୍ୟବର ବିଧାୟକ ସତ୍ୟବାଦୀ ଶ୍ରୀଯୁକ୍ତ ଓମ ପ୍ରକାଶ ମିଶ୍ର, ମାନ୍ୟବର ବିଧାୟିକା ବ୍ରହ୍ମଗିରି ଶ୍ରୀମତୀ ଉପାସନା ମହାପାତ୍ର, ମାନ୍ୟବର ବିଧାୟକ କାକଟପୁର ତୁଷାରକାନ୍ତି ବେହେରା, ମାନ୍ୟବର ବିଧାୟକ ପୁରୀ ଶ୍ରୀଯୁକ୍ତ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପଙ୍କର ମହାପାତ୍ର, ପୁରୀର ଜିଲ୍ଲାପାଳ ଶ୍ରୀଯୁକ୍ତ ଦିବ୍ୟ ଜ୍ୟୋତି ପରିଡା ଓ ପୁରୀର ଆରକ୍ଷକ ଶ୍ରୀଯୁକ୍ତ ପ୍ରତୀକ ସିଂହ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରତିବର୍ଷ କୋଣାର୍କ ଉତ୍ସବ ସହିତ ଆୟୋଜିତ ହୋଇଥାଏ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ । ଚନ୍ଦ୍ରଭାଗା କୂଳରେ ଓ କୋଳରେ ବିଶ୍ୱର କୋଣ ଅନୁକୋଣରୁ ଆସିଥାନ୍ତି ବାଲୁକା ଶିଳ୍ପୀ ଗଣ । ଏ ବର୍ଷ ଆମ ଭାରତ ବର୍ଷରୁ ପ୍ରାୟ ୧୪୦ ଜଣ ଶିଳ୍ପି ଯୋଗ ଦେଇଛନ୍ତି, ସେଥିରୁ ୪୦ ଜଣ ମହିଳା ଓ ୯୫ ଜଣ ପୁରୁଷ । ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ପ୍ରାୟ ୫ ଜଣ ବିଦେଶୀ ବାଲୁକା ଶିଳ୍ପି ଆସି ପହଂଚିଛନ୍ତି ଚନ୍ଦ୍ରଭାଗା ବେଳାଭୂମିରେ ତାଙ୍କ କଳା ନୈପୁଣ୍ୟକୁ ରୂପ ଦେବା ପାଇଁ । କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନରେ ଥିଲା ଶ୍ରୀମତୀ ସୋନାଲୀ ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପିଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ । ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳିଶା ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲୀ ମହାପାତ୍ର । ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ ଏକ ଶୁଦ୍ଧ ନୃତ୍ୟ ଖଣ୍ଡ ଯେଉଁଥିରେ ଗତି ଏବଂ ସଙ୍ଗୀତ ଏକ ପ୍ରସ୍ଫୁଟିତ ଫୁଲ ପରି ସୁନ୍ଦର ଭାବରେ ପ୍ରକଟିତ ହୁଏ । ଏହା ରାଗର ସୌନ୍ଦର୍ଯ୍ୟକୁ ବିସ୍ତାରିତ କରେ, ତାଳ, ମାଧୁର ଏବଂ ନୃତ୍ୟ ନିର୍ଦ୍ଦେଶନାକୁ ଏକ ସୁସଙ୍ଗତ ଠାଣିରେ ବାନ୍ଧିରଖେ ଯାହାର ନୃତ୍ୟ ସଂରଚନା ଗୁରୁ ଶ୍ରୀମତୀ ସୋନାଲି ମହାପାତ୍ର ଓ ସଙ୍ଗୀତ ଏବଂ ତାଳ ସଂଯୋଜନା ଶ୍ରୀ ନିର୍ମଳ କୁମାର ମହାପାତ୍ର କରିଥିଲେ । ଶେଷରେ ନୃତ୍ୟ ଉପାସନା ପିଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ । ଯେଉଁଥିରେ ଦେବୀ ଦୁର୍ଗାଙ୍କ ଶକ୍ତି ଏବଂ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରଯାଇଥିଲା ଯାହାର ନୃତ୍ୟ ସଂରଚନା ଗୁରୁ ଶ୍ରୀମତୀ ସୋନାଲି ମହାପାତ୍ର, ଓ ସଙ୍ଗୀତ ଏବଂ ତାଳ ସଂଯୋଜନା କରିଥିଲେ ଶ୍ରୀ ନିର୍ମଳ କୁମାର ମହାପାତ୍ର । ପ୍ରଥମ ସନ୍ଧ୍ୟାର ଦିତୀୟ ତଥା ଶେଷ ଉପସ୍ଥାପନରେ ଥିଲା ଡକ୍ଟର ଆନନ୍ଦ ଶଙ୍କର ଜୟନ୍ତଙ୍କ ଶଙ୍କରାନନ୍ଦ କାଳକ୍ଷେତ୍ର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ । ସେମାନେ ପ୍ରଥମେ ଭକ୍ତ ରାମଦାସଙ୍କ ଦ୍ୱାରା ସରଳ ତେଲୁଗୁ ଭାଷାରେ ରଚିତ ମହାବିଷ୍ଣୁଙ୍କ ଦଶାବତାରକୁ ନେଇ ବର୍ଣ୍ଣିତ ଦଶାବତାରମ୍ ପରିବେଷଣ କରିଥିଲେ ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଦେବୀ ଉପସକମ୍ ଏବଂ ଶେଷରେ କବିତା, ପଦ୍ୟ, ସୁର ଏବଂ କାଳଜୟୀ ସଙ୍ଗୀତର ତାଳର ମୁଖବନ୍ଧ, ଭାରତନାଟ୍ୟମର ସ୍ଥାପତ୍ୟ, ସୌନ୍ଦର୍ଯ୍ୟ ଏବଂ ବ୍ୟାକରଣ ମାଧ୍ୟମରେ, ଏହା ସର୍ବଜ୍ଞ, ସର୍ବବ୍ୟାପୀ ଭଗବାନ ଶିବଙ୍କୁ ଆଣିବା ପାଇଁ ଏକ ଅର୍ଘ୍ୟ ଶିଭୋହମ୍ ପ୍ରସ୍ତୁତ କରିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଡକ୍ଟର ଆନନ୍ଦ ଶଙ୍କର ଜୟନ୍ତ । ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର କର୍ମକର୍ତା ବୃନ୍ଦ ସୁନ୍ଦର ଭାବରେ ପରିଚାଳନା କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ ଏବଂ ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।

## ପବ୍ଲିକ ରାଇଟ୍ସ ଆସୋସିଏସନ ଓଡିଶା ତରଫରୁ ଏକ ରାଜ୍ୟ ସ୍ତରୀୟ ଯୁଥ କନକ୍ଲେଭ ଓ ସମ୍ମାନ ଉତ୍ସବ



ଭୁବନେଶ୍ୱର,(ପି.ଏନ) : ଭୁବନେସ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶିକ୍ଷ ଏବଂ ଦକ୍ଷତା ବିକାଶ ବିଭାଗ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମୁଖ୍ୟ ବକ୍ତା ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ନଗର ଉନ୍ନୟନ ବିଭାଗ ଓଡିଶା ସରକାର ଏବଂ ଶ୍ରୀଯୁକ୍ତ ଅମ୍ରିତ ରତୁରାଜ ମାନନୀୟ ଜିଲ୍ଲାପାଳ ସଂମ୍ମାନିତ ଅତିଥି ଭାବେ ସମ୍ମତି ପ୍ରଦାନ କରିଥିଲେ, କୌଣସି କାରଣ ବଶତଃ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାରେ ଅସମର୍ଥ ହୋଇ ସେମାନଙ୍କର ଶୁଭ କାମନା ଜଣାଇ ଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ, ମଧ୍ୟ ବିଧାୟଜ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଉତର ବିଧାୟକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ. ଭଟଲି, ବରଗଡ଼ ଯୁବ ବିଧାୟଜ ଶ୍ରୀଯୁକ୍ତ ଇରାଶିଷ ଆଚାର୍ଯ୍ୟ, ଲୋକ ସେବକ ମଣ୍ଡଳ ନୂଆ ଦିଲ୍ଲୀ ଉପାଧକ ଶ୍ରୀଯୁକ୍ତ ପ୍ରଭାସ ଆଚାର୍ଯ୍ୟ, ଶ୍ରୀଯୁକ୍ତ ପ୍ରଦୀପ କୁମାର ବେହୁରିୟା ସଂମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଯୁବ ସମାଜ ଜାଗ୍ରତ ହୋଇ ସମାଜ ସେବା କୁ ବ୍ରତ ଭାବେ ଗ୍ରହଣ କରି, ରାଜ୍ୟ, ଦେଶ ସେବାରେ ପ୍ରମୁଖ ଭୂମିକା ଗ୍ରହଣ ପାଇଁ ଉଦବୋଧନ ଦେଇଥିଲେ । ପବ୍ଲିକ ରାଇଟ୍ସ ଆସୋସିଏସନ ଓଡ଼ିଶାର ସଭା ନେତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ପଣ୍ଡା ମହୋଦୟା ପ୍ରେରଣା ର ଉତ୍ସ ପାଲ ଟିଥିବା ଓଡିଶା ର ପ୍ରତି ଜିଲ୍ଲା ରୁ ଯୁବ ସମାଜସେବୀ, ଅନୁଷ୍ଠାନ, ବ୍ୟବସାୟୀ, ଡାକ୍ତର, ଓକିଲ, ନୃତ୍ୟାନୁଷ୍ଠାନ, ଗୀତିକାର, କବି, ଲେଖୀୟିତ୍ରୀ, ଚୟନ କରି ପ୍ରେରଣା ସମ୍ମାନ ରେ ସମ୍ମାନିତ କରି, ସମସ୍ତ ବ୍ୟକ୍ତି ତ୍ୱ ଙ୍କୁ ନିଜ ମନ କୁ ଜାଗ୍ରତ କରି ସମାଜ ସେବା ରେ ବ୍ରତୀ ହେବା ପାଇଁ ଆହ୍ୱାନ କରିଥିଲେ । ଶେଷରେ ପବ୍ଲିକ ରାଇଟ୍ସ ଆସୋସିଏସନ ର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ନାରାୟଣ ମହାନକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ଅନୁଷ୍ଠାନ ର ମାନଜିଙ୍ଗ ଟ୍ରଷ୍ଟି ଶ୍ରୀମତୀ ପଙ୍କଜିନୀ ବେହୁରା ଓ ଶ୍ରୀଯୁକ୍ତ ସ୍ୱପ୍ନ କୁମାର ମିଶ୍ର, ପରିଚାଳନା କରିଥିଲେ । ଆଇନଜୀବୀ ଅଙ୍କିତା ଗଙ୍ଗଦେବ, ଆଲବର୍ଟ ସର୍କେଣ୍ଟିଆର ବେନ୍ୟା, ଆଇନଜୀବୀ ବବିତା ଘଡେଇ, ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ରବି ରାଉତରାୟ, ଅଭିମନ୍ୟୁ ସ୍ୱାଇଁ, ସୁବ୍ରାଂଶୁ ଶେଖର ଜେନା, ସ୍ୱୟପ୍ରଭା ବେହେରା, ରୁପାଲୀ ହୋତା,ଶ୍ୱେତାଲିନା ପଣ୍ଡା ଆସୋସିଏସନ ର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳିତ କରିଥିଲେ ।

## ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୫ ଉଦଘାଟନୀ ସନ୍ଧ୍ୟାରେ 'ଯେତିକି ଆଲୁଅ, ସେତିକି ଅନ୍ଧାର' ନାଟକ ମଂଚସ୍ଥ

ପାରାଦୀପ,(ପି.ଏନ):ପାରାଦୀପ ବନ୍ଦର ପ୍ରାଧିକରଣ ଓ ଜଗନ୍ନାଥ ଲଳିତ କଳା ସଂସଦ ମିଳିତ ଆନୁକୂଲ୍ୟରେ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୫ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ନିର୍ମାଣ ବିଭାଗ ଦ୍ୱାରା 'ଯେତିକି ଆଲୁଅ,ସେତିକି ଅନ୍ଧାର' ନାଟକ ପରିବେଷଣ କରାଯାଇଥିଲା । ଏହି ନାଟକରେ ଦୁଇ ଭାଇଙ୍କ ମଧ୍ୟରେ ଚମତ୍କାର କାହାଣୀ ସହିତ କଳାକାର ମାନଙ୍କ ସୁନ୍ଦର ଅଭିନୟ ଦର୍ଶକ ମାନଙ୍କ ମନକୁ ଛୁଇଁ ପାରିଥିଲା । ଏହି ନାଟକର ପ୍ରଦୋଷ ମହାନ୍ତି ଏବଂ ନାଟ୍ୟରୁପ ଓ ନିର୍ଦ୍ଦେଶନା ଦେଇଛନ୍ତି ଦିଲ୍ଲୀପ ବଳବନ୍ତରାୟ, ସହ ନିର୍ଦ୍ଦେଶକ ରତ୍ନାକର ସାହୁ । ଜୟଦେବ ସଦନରେ ମ*ସ୍ଥ ନାଟକରେ କାଳୀ ପ୍ରସାଦ ମିଶ୍ର ମ* ପରିଚାଳନା କରିଥିବା ବେଳେ ପ୍ରତାପ ରୁଦ୍ର ବିଶ୍ୱାଳ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଉକ୍ତ ନାଟକରେ ବନ୍ଦର ନିର୍ମାଣ ବିଭାଗ କର୍ମଚାରୀ ମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବେସ ଆକର୍ଷଣ କରିଥିବାର ଦେଖିବାକୁ ମିଳିଥିଲା ।

## ଗ୍ରେଡେସନ ତାଲିକାରେ ନାମ ଥାଇ ସୁଦ୍ଧା ୱାର୍କଚାର୍ଜ ରୁ ବଂଚିତ କର୍ମଚାରୀ ନବ ମୁଦୁଲି

ଖୋର୍ଦ୍ଧା,(ପି.ଏନ): ୧୦.୮.୨୦୮୮ ମସିହାରୁ ନଗର ଉନ୍ନୟନ ବିଭାଗରେ ନବକିଶୋର ମୁଦୁଲି କାର୍ଯ୍ୟ କରି ଆସୁଛନ୍ତି । ବିଭାଗ ପକ୍ଷରୁ ୧୯୯୪ ମସିହାରେ ପ୍ରକାଶିତ ପଦକ୍ରମ ( ଗ୍ରେଡେସନ) ତାଲିକାରେ ୨୯ ନମ୍ବର କ୍ରମାଙ୍କ ରେ ଥାଇ ସୁଦ୍ଧା ଅଦ୍ୟାବଧି ତାଙ୍କୁ ୱାର୍କଚାର୍ଜ କରାନଯିବା ସରକାରୀ କଳର ମନୋମୁଖି କାର୍ଯ୍ୟପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କେଉଁ କାରଣରୁ ୧୯୮୮ ରୁ କାର୍ଯ୍ୟରତ ଏହି କର୍ମଚାରୀ ଙ୍କୁ ୱାର୍କଚାର୍ଜ କରାଯାଇନାହିଁ ସେ ନେଇ ତତ୍କାଳୀନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ବିଭାଗୀୟ ଅଧିକାରୀ ଙ୍କୁ ରିପୋର୍ଟ ତଲବ କରିଥିଲେ । ତାଙ୍କ ଆଗରୁ ଓ ପରେ କାର୍ଯ୍ୟରେ ଯୋଗ ଦେଇଥିବା ସମସ୍ତ ଡିଏଲଆର ୱାର୍କଚାର୍ଜ ହୋଇଥିବା ବେଳେ ତାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ହଇରାଣ କରିବା ଫଳରେ ସେ ୱାର୍କଚାର୍ଜ ପଦରୁ ଅଦ୍ୟାବଧି ବଂଚିତ ରହିଛନ୍ତି । ଏହା ପଛରେ ବିଭାଗୀୟ ଅନୁବିଭାଗ ଅଧିକାରୀଙ୍କ ପ୍ରଚ୍ଛଦ ହାତ ଥିବାର ଶ୍ରୀ ମୁଦୁଲି ଅଭିଯୋଗ କରିଛନ୍ତି । ଦୁଃଖ ଓ ପରିତାପର ବିଷୟ ୨୦୧୧ ମସିହାରେ ମାନ୍ୟବର ମନ୍ତ୍ରୀ ମାଗିଥିବା ରିପୋର୍ଟ ଲାଲିଫିତା ତଳେ ପଡିଥିବାରୁ ସଂପୃକ୍ତ କର୍ମଚାରୀ ନବ ମୁଦୁଲି ଙ୍କର ସମସ୍ୟାର ସମାଧାନ ଅଦ୍ୟାବଧି ହୋଇପାରିନାହିଁ । ତେବେ ଫାଇବ ଟି ର ପ୍ରଥମ ଅକ୍ଷର ଟ୍ରାନ୍ସପରେନ୍ସି (ସ୍ୱଚ୍ଛତା) କିପରି କାମ କରୁଛି ତାର ଏକ ନଗ୍ନ ଚିତ୍ର ନବ ମୁଦୁଲି ପ୍ରସଙ୍ଗରେ ଜଳ ଜଳ ହୋଇ ଦେଖାଯାଉଛି । ତାଙ୍କ ଫାଇଲକୁ କେତେକ କର୍ମଚାରୀ ଚାପିରଖି ତାଙ୍କୁ ଉତ୍କୋଚ ମାଗିଥିଲେ ମାତ୍ର ସେ ତାହା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କର ଏପରି ଦୟନୀୟ ଅବସ୍ଥା ହୋଇଛି । ଏହି ସଂକ୍ରାନ୍ତରେ ମୁଦୁଲି ନିଜ ବିଭାଗ ତଥା ସଚିବଙ୍କୁ ଦେଖାକରି ନିଜର ଦୟନୀୟ କାହାଣୀ ଜଣାଇ ଥିଲେ ମଧ୍ୟ କିଛି କାର୍ଯ୍ୟ ନହେବାରୁ ମୁଦୁଲି ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ତଥା ମାର୍ଗଦର୍ଶୀର ସମ୍ପାଦକଙ୍କୁ ନିଜର ଦୁଃଖ ପ୍ରକାଶ କରିବାରୁ ସ୍ତମ୍ଭକାର ପ୍ରସାଦ ବର୍ତ୍ତମାନ ର ବିଜେବି ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏ ସଂକ୍ରାନ୍ତରେ ଅବଗତି କରାଇବାରୁ ସେ ମଧ୍ୟ ପୂର୍ବ ସରକାରଙ୍କ ନୀତି କୁ ଅନୁସରଣ କରି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୂଖ ଶାସନ ସଚିବଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ନେବାପାଇ ୧୯।୭।୨୫ ରେ ଚିଠି ପ୍ରେରଣ କରିଥିଲେ । ମାତ୍ର ଦୁଇମାସ ଗଡିଯାଇଥିଲେ ମଧ୍ୟ କୌଣସି ବିହିତ ପଦକ୍ଷେପ ନ ନିଆ ଯିବାରୁ ବରିଷ୍ଠ ସାମ୍ବାଦିକ ପ୍ରସାଦ ସୂଚନା ଧାରା ଅନୁଯାୟୀ ଏହାର ପ୍ରକୃତ ତଥ୍ୟ ମାଗିବାରୁ ବିଭାଗୀୟ ଅନୁସଚିବ ବି.ସି.ମଲ୍ଲିକ ତାଙ୍କ ପତ୍ରାଙ୍କ ସଂଖ୍ୟା ୨୧୦୧୪/ ତା-୬.୯.୨୫ ରିଖରେ ପତ୍ରାଙ୍କ ସଂଖ୍ୟା ୧୯୮୨୭ / ତା-୨୨.୮.୨୦୨୫ ରେ ଏହାର ତଥ୍ୟ ପ୍ରଦାନ କରିବା ପାଇଁ ପ୍ରେରଣ କରାଯାଇଛି ବୋଲି ଜଣାଇ ଥିଲେ । ପୁନର୍ବାର ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ରାଙ୍କ ସଂଖ୍ୟା ୧୯୮୨୭ / ତା ୨୨.୮.୨୦୨୫ରିଖ ରେ ଜଣାଇ ଲେ ଯେ ଅର୍ଥ ବିଭାଗ ରିଜୋଲିସନ ସଂଖ୍ୟା ୨୨୭୬୪ ତା ୧୫ .୫. ୯୭ ଅନୁଯାୟୀ ମୁଦୁଲି ଏକ ପୂର୍ଣ୍ଣାଙ୍ଗ ବର୍ଷରେ ୨୪୦ ଦିନ କାର୍ଯ୍ୟ କରିନାହଁ ତେଣୁ ତାର ଦରଖାସ୍ତକୁ ନାକଚ କରାଗଲା । ମାତ୍ର ତତ୍କାଳିନ କାର୍ଯ୍ୟନିର୍ବାହି ଯନ୍ତ୍ରୀ ତାଙ୍କ ପତ୍ରାଙ୍କ ସଂଖ୍ୟା୪୦୭୬/ ତା୨୧.୫.୧୪ ରେ ମୁଦୁଲି ୨୪୦ ଦିନରୁ ଅଧିକ କାର୍ଯ୍ୟ କରିଛି ବୋଲି ଜଣାଇବା ସହ ଗ୍ରେଡେସନ୍ ଲିଷ୍ଟ, କ୍ୟାସ ବୁକ ଜେ.ଇ ୮୩ ପୃଷ୍ଠା ସଂଲଗ୍ନ କରିବା ସହ ନବ ମୁଦୁଲି କୁ ୱାର୍କ ଚାର୍ଜ କରିବାକୁ ଅନୁରୋଧ କରିଥିଲେ ମାତ୍ର ବିଭାଗୀୟ ଅନୁସଚିବ କେଉଁ ନିୟମ ବଳରେ ମୁଦୁଲିକୁ ଏପରି ହଇରାଣ କରୁଛନ୍ତି ଯାହା ତାଙ୍କର ଅଣବୈଧ ପରିତୋଷଣ ମନୋବୃତିକୁ ପଦାରେ ପକାଇଛି । ବିଭାଗୀୟ ମନ୍ତ୍ରୀ ସଚିବ, ମାନ୍ୟବର ଲୋକଙ୍କ ଓ ଲୋକଙ୍କର ମୂଖ୍ୟମନ୍ତ୍ରୀ ମୁଦୁଲିର ଏହି ଦୟନୀୟ କାହାଣୀ ଉପରେ ବିଶେଷ ଦୃଷ୍ଟି ଦେଇ ତାକୁ ଉଚିତ ନ୍ୟାୟ ପ୍ରଦାନ କରିବା ସହ ତାର ବାକିଥିବା ଅର୍ଥରାଶି କୁ ପ୍ରଦାନକରିବା ପାଇଁ ସାଧାରଣରେ ଦାବୀ ହେଉଛି ।

## ନୁଭୋକୋ ଜିରୋ ଏମ୍ ଉନ୍ନତି ଆପ୍ ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଭାରତର ବିଶ୍ୱସନୀୟ ନିର୍ମାଣ ସାମଗ୍ରୀ କମ୍ପାନୀ, ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଏହାର ନୁଭୋକୋ ଜିରୋ ଏମ୍ ଉନ୍ନତି ଆପ୍‌ର ଶୁଭାରମ୍ଭ କରିଛି । ଏହି ଆପ୍‌କୁ ଉତ୍ପାଦ ଗ୍ରହଣୀୟତା ଓ ଗ୍ରାହକ ଅନୁଭୂତିକୁ ପରିଚାଳନା କରି କମ୍ପାନୀର ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଇନଫ୍ଲୁଏନ୍ସରଙ୍କ ପାଇଁ ସ୍ୱତନ୍ତ୍ର ରୂପେ ଡ଼ିଜାଇନ କରାଯାଇଛି । ବିଶେଷକରି କଂଟ୍ରାକ୍ଟର, ୱାଟରପ୍ରୁଫିଙ୍ଗ ଆପ୍ଲିକେଟର, ଟାଇଲ ଆପ୍ଲିକେଟର, ମାସୋନ ଓ ପେଂଟରଙ୍କ ସମେତ ଇନ୍‌ଫ୍ଲୁଏନ୍ସର ସମୁଦାୟ ପାଇଁ ଏହା ଡିଜାଇନ କରାଯାଇଛି । ଡିଲର, ରିଟେଲର ଓ ଡିଷ୍ଟ୍ରିବ୍ୟୁଟରମାନେ ମଧ୍ୟ ନିଜର ସମ୍ବନ୍ଧିତ ପ୍ରୋଫାଇଲ ମାଧ୍ୟମରେ ଏହି ଆପ୍‌କୁ ଆକ୍‌ସେସ କରିପାରିବେ । ଏସମ୍ପର୍କରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ମାର୍କେଟିଂ, ଇନୋଭେଶନ ଓ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ, ଚିରାଗ ଶାହ କହିଛନ୍ତି, 'ଇନ୍‌ଫ୍ଲୁଏନ୍ସରମାନେ ଆମ ସଫଳତାର ଏକ ଅବିଚ୍ଛେଦ୍ୟ ଅଂଶ ଅଟନ୍ତି । ଯାହା ଉଦ୍ଭାବନ ଓ ଗ୍ରାହକ କେନ୍ଦ୍ରିକତା ପ୍ରତି ନୁଭୋକୋର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ।'ଏହି ଆପ୍ ସହଜ ରିୱାର୍ଡ ରିଡେମ୍ପସନ, ରିୱାର୍ଡ ପଏଂଟ, ଇନ୍‌ସେଂଟିଭ ଓ ପ୍ରଦର୍ଶନର ବାସ୍ତବ ସମୟ ଟ୍ରାକିଙ୍ଗ ସହ ଏକ ବିସ୍ତୃତ ଡିଜିଟାଲ ଅନୁଭୂତି ପ୍ରଦାନ କରୁଛି । ଏହା ବିସ୍ତୃତ ଉତ୍ପାଦ ସୂଚନା ଏବଂ ଅଫର, ପ୍ରୋଗ୍ରାମ ଓ ନୂଆ ପ୍ରଡକ୍ଟ ଲଂଚ ସମ୍ପର୍କରେ ଇନ୍‌ଷ୍ଟାଂଟ ଅପ୍‌ଡେଟ ସମେତ ପ୍ରତ୍ୟକ୍ଷ ହେଲ୍ପଲାଇନ ଓ କଲ୍ ସେଂଟର ସପୋର୍ଟ ପାଇଁ ତତ୍କାଳ ପହଂଚ ପ୍ରଦାନ କରୁଛି । ଭବିଷ୍ୟତରେଜ ରିୱାର୍ଡ କାଟାଲଗ୍ ବିକଳ୍ପ, ମାଇଲଷ୍ଟୋନ ରିୱାର୍ଡ, କନ୍‌ସିଷ୍ଟେନ୍ସି ରିୱାର୍ଡ, ମାର୍କେଟ ଆଉଟ୍ପୁଟର ରିୱାର୍ଡସ ଓ ଗେମିଫିକେଶନ ଭଳି ଅନେକ ଆଡ୍‌ଭାନ୍ସ ଫିଚରଗୁଡିକୁ ଏହି ଆପରେ ଯୋଗ କରାଯିବ, ଯାହା ଏହି ପ୍ଲାଟଫର୍ମକୁ ଏକ ପରବର୍ତୀ ପିଢିର ଅନୁଭୂତିକୁ ଉନ୍ନୀତ କରିବ । ଏହି ଆପ୍ ଏବେ ଡାଉନଲୋଡ ପାଇଁ ଗୁଗଲ ପ୍ଲେ ଷ୍ଟୋର ଓ ଆପଲ୍ ଆପ୍ ଷ୍ଟୋରରେ ଉପଲବ୍ଧ ରହିଛି ।

## ପାରାଦୀପ ବନ୍ଦର ଚିକିତ୍ସାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ



ପାରାଦୀପ,(ପି.ଏନ): ଏଡସ୍ ଦୂରୀକରଣ ବିଷୟବସ୍ତୁ ସହିତ ପାରାଦୀପ ବନ୍ଦର ପ୍ରାଧିକରଣ ଚିକିତ୍ସାଳୟରେ ବିଶ୍ୱ ଏଡସ୍ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି । ଭାରତ ସରକାର ପ୍ରତିବର୍ଷ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ନାକୋ) ନେତୃତ୍ୱରେ ରାଷ୍ଟ୍ରାୟତ ସଚେତନତା ଅଭିଯାନ, ସମ୍ପ୍ରଦାୟ ପ୍ରସାର କାର୍ଯ୍ୟକଳାପ ଏବଂ ନବୀକରଣ ସରକାରୀ ପ୍ରତିଶ୍ରୁତି ମାଧ୍ୟମରେ ବିଶ୍ୱ ଏଡସ୍ ଦିବସ ପାଳନ କରିଥାଏ କ୍ଷ ଏହି ଅବସରରେ ପାରାଦୀପ ବନ୍ଦର ଚିକିତ୍ସାଳୟ, ଆଇଇସି କାର୍ଯ୍ୟକଳାପର ଅଂଶ ସ୍ୱରୂପ ସାଧାରଣରେ ସଚେତନତା ପାଇଁ ଏକ ପଦଯାତ୍ରା ବନ୍ଦର ଚିକିତ୍ସାଳୟ ଠାରୁ ଆରମ୍ଭ ହୋଇ ଅଫିସର୍ସ କ୍ଲବରେ ଶେଷ ହୋଇଥିଲା । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଉପସ୍ଥିତ ସମସ୍ତଙ୍କୁ ସଚେତନତାର ଶପଥ ପାଠ କରାଇବା ସହ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ଟି.ଭେଣୁ ଗୋପାଲ, ବହୁ ଡାକ୍ତର, ପାରାମେଡିକାଲ୍ କର୍ମଚାରୀଙ୍କ ସମେତ ମୁଖ୍ୟଯନ୍ତ୍ରୀ, ସିଆଇଏସଏଫ କର୍ମଚାରୀ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ, ଟ୍ରାନ୍ସଜେଣ୍ଡର ଏବଂ ବିଭିନ୍ନ ଏନଜିଓ ର ସ୍ୱେଚ୍ଛାସେବୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ବନ୍ଦର ହସ୍ପିଟାଲ, ସାକ୍ଷରତା ସମିତିର ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରତୀକାତ୍ମକ ଲାଲ ରିବନ ପିନ୍ଧିଥିଲେ । ଏତଦବ୍ୟତୀତ ବନ୍ଦର ନିଷିଦ୍ଧାଂଳ ୧ ନମ୍ବର ଓ ୨ ନମ୍ବର ଫାଟକ ନିକଟରେ ଟ୍ରକ୍ ଚାଳକମାନଙ୍କ ପାଇଁ ସ୍କ୍ରିନିଂ କ୍ୟାମ୍ପ ଆୟୋଜନ କରାଯାଇଥିଲା । ୨୦୬ ଜଣଙ୍କର ସ୍କ୍ରିନିଂ କରାଯାଇଥିଲା ଏବଂ ଏଥିରେ କାହାର ଏଡସ୍ ପଜିଟିଭ୍ ଚିହ୍ନଟ ହୋଇନଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray